## ପୋଖରୀରେ ବୁଡ଼ି ମହିଳା ମୃତ

ପାତ୍ରପୁର, (ଉମା ଚରଣ ନେପାକ)ପାତ୍ରପୁର ବ୍ଲକ ଆମୁଣ୍ଡି ଗ୍ରାମରେ ଗୁରୁବାର ପୋଖରୀକୁ ଗାଧୋଇବାକୁ ଯାଇ ବୁଡିଯାଇ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ଉଦୟ ମହାନ୍ତିଙ୍କ ଝିଅ ବବିତା (୪୦)। ବବିତା ଗାଧୋଉଥିବା ସମୟରେ ତାଙ୍କ ଗୋଡ ଖସିଯିବାରୁ ଗଭୀର ଜଳ ଭିତରକୁ ଚାଲିଯାଇ ବୁଡିଯାଇଥିଲେ। ଖବରପାଇ ଘଟଣା ସ୍ଥଳରେ ଦମକଳବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ଜରଡ଼ା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ସୂଚନାଯୋଗ୍ୟ ବବିତା ବିବାହ କରି ନ ଥିଲେ।

# ୮ ଲକ୍ଷ ଲୋକ ଖାଇବେ ଫାଇଲେରିଆ ଔଷଧ

ଫୁଲବାଣୀ, ୬।୨(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ଫାଇଲେରିଆ ନିରାକରଣ ପାଇଁ ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ସ୍ଥିର କରାଯାଇଛି। ଏହି ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ ପୂର୍ବରୁ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାର ମୋଟ ୧୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ୧୭୧ଟି ଉପ କେନ୍ଦ୍ରରେ ଏହାକୁ ସୁବ୍ୟବସ୍ଥିତ କରିବା ପାଇଁ ୪୦୫ ଜଣ ସୁପରଭାଇଜର, ୩୩୭୭ ଜଣ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଟର୍ କାର୍ଯ୍ୟ କରିବେ। ୩ ଟି ସହରାଞ୍ଚଳ ଓ ୪୦୧୭ ଟି ଗ୍ରାମର ୮ ଲକ୍ଷ ୧ ହଜାର ୪୭୪ ଲୋକଙ୍କୁ ଏହି ଔଷଧ ସେବନ କରାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୨୧ ଲକ୍ଷ ୯ ହଜାର ୧୪୩ ଟି ଡି.ଇ.ସି ଏବଂ ୮ ଲକ୍ଷ ୪୩ ହଜାର ୬୫୭ଟି ଆଲବେଣ୍ଡାଜଲ୍ ବଟିକାର ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଶାକର୍ମୀ କିମ୍ବା ତାଲିମ୍ ପ୍ରାପ୍ତ ସ୍ୱେଚ୍ଛାସେବୀ ଘରକୁ ଘର, ସ୍କୁଲ, କଲେଜ ଓ ଅନ୍ୟ ଅନୁଷ୍ଠାନମାନଙ୍କୁ ଯାଇ ସମସ୍ତ ସଦସ୍ୟଙ୍କୁ ଫାଇଲେରିଆ ବଟିକା ଖୁଆଇବେ । ୨ବର୍ଷରୁ ଉର୍ଦ୍ଧ୍ୱ ସମସ୍ତେ ଏହି ଔଷଧ ଖାଇବେ। କେବଳ ଗର୍ଭବତୀ, ୨ବର୍ଷରୁ କମ୍ ଶିଶୁ ଓ ଗୁରୁତର ଅସୁସ୍ଥ ରୋଗୀ ଏହା ଖାଇବେ ନାହିଁ । ଖାଦ୍ୟ ଖାଇସାରିବା ପରେ ଡି.ଇ.ସି ଓ ଆଲବେଣ୍ଡାଜଲ୍ ବଟିକା ସମସ୍ତେ ସେବନ କରିବେ। ଖାଲି ପେଟରେ ଏହି ଔଷଧ ଖାଇବେ ନାହିଁ। ଏହି ସାର୍ବଜନୀନ ଔଷଧ ସେବନ ପାଇଁ ୧୪ ଟି ମନିଟରିଂ ଟିମ୍, ପି.ସି.ଆଇ. ଏବଂ ଡବ୍ଲ୍ୟୁ.ଏଚ୍.ଓ. ଟିମ୍ କୁ ସାମିଲ୍ କରାଯାଇଛି। ୫ ବର୍ଷ ପର୍ଯ୍ୟନ୍ତ ଯଦି ଗୋଟିଏ ଗୋଷ୍ଠୀରେ ଶତକଡ଼ା ୮୫ ଭାଗରୁ ଅଧିକ ଲୋକ ବର୍ଷକୁ ଥରେ ଫାଇଲେରିଆ ନିରାକରଣ ପାଇଁ ଦିଆଯାଉଥିବା ଔଷଧ ସେବନ କରନ୍ତି, ତେବେ ଗୋଷ୍ଠୀରୁ ଫାଇଲେରିଆ ନିରାକରଣ ହୋଇପାରିବ ବୋଲି ଡା.ଅରବିନ୍ଦ ଦାସ ଅନୁଷ୍ଠିତ ଖବରଦାତା ସସମ୍ମିଳନୀରେ ପ୍ରକାଶ କରିଛନ୍ତି । ଭେକ୍ଟର ବାହିତ ରୋଗ ପରାମର୍ଶ ଦାତା କୁମୁଦ ଚନ୍ଦ୍ର ସାହୁ କନ୍ଧମାଳ ଜିଲାରେ ଫାଇଲେରିଆ ନିରାକରଣ ପାଇଁ ନିଆ ଯାଉଥିବା ପଦକ୍ଷେପ ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ।



ଫାଇଲେରିଆ ନିରାକରଣ ସମ୍ପର୍କରେ ଅଧିକାରୀମାନେ ସୂଚନା ଦେଉଛନ୍ତି ।

**କନ୍ଧମାଳ ଜିଲା**

## କେରଳର ଦମ୍ପତି ଗ୍ରହଣ କଲେ ପୋଷ୍ୟ ସନ୍ତାନ

ପାରଳାଖେମୁଣ୍ଡି,୬।୨(ଗିରିଧାରୀ ପରିଛା)

କେରଳର ଏକ ଦମ୍ପତି ଗଜପତି ଜିଲାରୁ ଏକ ଶିଶୁକନ୍ୟାକୁ ପୌଷ୍ୟ ସନ୍ତାନ ରୂପେ ଗୁରୁବାର ଗ୍ରହଣ କରିଛନ୍ତି। ଶିଶୁ ମଙ୍ଗଳ ସମିତି ପରାମର୍ଶରେ ଜିଲାପାଳ ବିଜୟ କୁମାର ଦାଶ ଏହି ଶିଶୁକନ୍ୟାଙ୍କୁ ହସ୍ତାନ୍ତର କରିଛନ୍ତି। ପିତୃମାତୃହୀନ ଏହି ୪ମାସର ଶିଶୁକନ୍ୟାଟିକୁ ଶିଶୁମଙ୍ଗଳ ସମିତିଙ୍କ ନିର୍ଦ୍ଦେଶରେ ଯତ୍ନ ଓ ସୁରକ୍ଷା ପାଇଁ ନିଶାନ ଶାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇ ଶିଶୁଟିକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରାଯାଇଥିଲା। ପରେ ଶିଶୁଟିର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲରେ ଅପ୍‌ଲୋଡ଼ କରାଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ଲାଗି ପ୍ରାୟ ୩ ବର୍ଷ ଧରି ଅନଲାଇନ ମାଧ୍ୟମରେ ଦରଖାସ୍ତ ଦେଇ କେରଳ ଦମ୍ପତି ଅପେକ୍ଷା କରି ରହିଥିଲେ। ଉପରୋକ୍ତ ଦମ୍ପତ୍ତି ଶିଶୁଟିକୁ ପସନ୍ଦ କରିବା ପରେ ଆବଶ୍ୟକ ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପ୍ରସ୍ତୁତ କରିଥିଲେ। ସମସ୍ତ ଦସ୍ତାବିଜକୁ ଜିଲାପାଳ ଯାଞ୍ଚ କରି ପରେ ଶିଶୁକନ୍ୟାକୁ କେରଳର ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ।

# ବନରକ୍ଷୀଙ୍କ କ୍ୱାର୍ଟର୍ସ ପାଚେରି ଭାଙ୍ଗିଲା ଦନ୍ତା

## ଜଙ୍ଗଲ ସୀମାରେ ଅଧିକ ଟ୍ରେଞ୍ଚ ଖୋଳିବାକୁ ଦାବି

ଭଞ୍ଜନଗର,୬।୨(ବାବୁଲା ପ୍ରଧାନ):

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜରେ ହାତୀ ଉପଦ୍ରବ ଜାରି ରହିଛି। ବୁଧବାର ରାତିରେ ଉହ ବିଟ ବନପାଳ ଅନୁପ ବିଷୋୟୀ, ହାତୀଗୁଡା ବିଟ ବନରକ୍ଷୀ ବିଶ୍ୱଜିତ୍ ବେହେରା ଗ୍ରାମବାସୀଙ୍କ ସହଯୋଗରେ ହାତୀ ଘଉଡ଼ାଇବାକୁ ହାତୀଗୁଡା କେନାଲ ଆଡ଼େ ଯାଇଥିଲେ। ଏହି ସମୟରେ ଦନ୍ତାହାତୀ ଅନ୍ୟ ବାଟରେ ଆସି ବନରକ୍ଷୀଙ୍କ କ୍ୱାର୍ଟର୍ସ ପାଚେରି ଭାଙ୍ଗିବା ସହ ୨ଟି ବାଇକ୍ ଓ ଅନ୍ୟାନ୍ୟ କ୍ଷତି କରିଛି। ଦନ୍ତାଟି ଦିନକୁ ଦିନ ହିଂସ୍ର ହେଉଥିବାରୁ ଆଗକୁ ଅଘଟଣ ସମ୍ଭାବନା ରହୁଛି। ତେବେ ବନ ବିଭାଗର କୌଣସି ବରିଷ୍ଠ ଅଧିକାରୀ ଘଟଣାସ୍ଥଳକୁ ଅନୁଧ୍ୟାନ ପାଇଁ ଯାଇ ନ ଥିବା ଜଣାପଡିଛି। ଅନ୍ୟପକ୍ଷରେ କିଛିଦିନ ହେବ ରେଞ୍ଜର ମୁଜାଗଡ଼ ଅଞ୍ଚଳରେ ଟ୍ରେଞ୍ଚ ଖୋଳା ଚାଲିଛି। ଏହା ହେଲେ ହାତୀ ଜଙ୍ଗଲରୁ ବାହାରି ଜନବସତିଆଡ଼େ ଆଉ ଆସିପାରିବ ନାହିଁ। ଫଳରେ ବନଖଣ୍ଡରେ ଅଧିକ ଟ୍ରେଞ୍ଚ ଖୋଳିବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ଏହି ବନଖଣ୍ଡରେ ପ୍ରଥମ ଥର ପାଇଁ ଟ୍ରେଞ୍ଚ ଖୋଳାଯାଉଛି। ଡିଏଫଓ ହିମାଂଶୁ ଶେଖର ମହାନ୍ତି କହିଛନ୍ତି, ଚଳିତବର୍ଷ ୩ କି.ମି. ଟ୍ରେଞ୍ଚ ଖୋଳିବା ପାଇଁ ୨୪ ଲକ୍ଷ ଟଙ୍କା ଆସିଛି। ଆଗାମୀ ଦିନରେ ଆବଶ୍ୟକତାକୁ ଦେଖି ଆହୁରି ଅଧିକ ଟ୍ରେଞ୍ଚ ଖୋଳାଯିବ। ଅଢ଼େଇ ମିଟର ଆୟତନ ଓ ଅଢ଼େଇ ମିଟର ଗଭୀରର ଟ୍ରେଞ୍ଚ ଖୋଳାଯାଉଥିବା ସେ କହିଛନ୍ତି।


ବନରକ୍ଷୀ କ୍ୱାର୍ଟର୍ସ ପାଚେରୀ ହାତୀ ଭାଙ୍ଗି ଦେଇଛି।

# ନୂଆ ଓ ପୁରୁଣା ପର୍ଯ୍ୟଟନ କ୍ଷେତ୍ରର ହେବ ବିକାଶ

**ବଦଳିବ ପର୍ଯ୍ୟଟନ କ୍ଷେତ୍ରର ଚିତ୍ର**

ଦାରିଙ୍ଗବାଡ଼ି, ୬।୨ (ଅରୁଣ ସାହୁ)

ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡିର ପର୍ଯ୍ୟଟନକ୍ଷେତ୍ରର ଚିତ୍ର ବଦଳିବ। ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ବିଭାଗର ୨ ଜଣିଆ ପ୍ରତିନିଧି ଦଳ ୨ଦିନ ହେଲା ଦାରିଙ୍ଗବାଡ଼ିର ବିଭିନ୍ନ ପର୍ଯ୍ୟଟନକ୍ଷେତ୍ର ପରିଦର୍ଶନ କରୁଛନ୍ତି। ପ୍ରକାଶ ଯେ, ବାଲିଗୁଡ଼ା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଦାରିଙ୍ଗବାଡ଼ି ବିଡ଼ିଓ ପ୍ରୀତିରଞ୍ଜନ ରଥ ଏବଂ ଅତିରିକ୍ତ ତହସିଲଦାର ନମିତା ପ୍ରଧାନ, ଜିଲା ପର୍ଯ୍ୟଟନ ଅଧିକାରୀ କୁମୁଦିନୀ ମଲିକଙ୍କ ସହ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସନାତନ ପ୍ରଧାନ ଏବଂ କନିଷ୍ଠ ଯନ୍ତ୍ରୀ ବିଶ୍ୱଜିତ ମହାରଣା ପ୍ରମୁଖ ମିଳିତ ଭାବେ ଦାରିଙ୍ଗବାଡ଼ିର ହିଲଭିୟୁ, ନେଚର ପାର୍କ ସମେତ ଡୁଲୁରୀ ପାଇନ ବଣ, ରେନବୋ, ପାଙ୍ଗାବାନ୍ଧା ଏବଂ ମିଡ଼ିୟୁବାନ୍ଧା ଜଳପ୍ରପାତ, ଯୋଗୀମଠ, ତୀର୍ଥକ୍ଷେତ୍ର ରକ୍ଷିମାଳ ପାହାଡ଼, କିରିକୁଟି ଲଭର୍ସ ପଏଣ୍ଟ, କଫି ବଗିଚା, ସମେତ ସମସ୍ତ ନୂଆ ଓ ପୁରୁଣା ପର୍ଯ୍ୟଟନକ୍ଷେତ୍ରକୁ ମିଳିତ ପରିଦର୍ଶନ କରିଛନ୍ତି। ଦାରିଙ୍ଗବାଡ଼ି ସହ କନ୍ଧମାଳ ଜିଲାର ଅନ୍ୟ ବ୍ଲକରେ ରହିଥିବା ପର୍ଯ୍ୟଟନକ୍ଷେତ୍ରର ବିକାଶ ପାଇଁ ସରକାର ପଦକ୍ଷେପ ଆରମ୍ଭ କରିଛନ୍ତି। ଓଡ଼ିଶା ପର୍ଯ୍ୟଟନ ବିଭାଗର ପରିଚାଳନା ନିର୍ଦ୍ଦେଶକ ସମର୍ଥ ବର୍ମା କନ୍ଧମାଳ ଜିଲାପାଳଙ୍କୁ ଦାରିଙ୍ଗବାଡ଼ି ପର୍ଯ୍ୟଟନକ୍ଷେତ୍ର ଗୁଡ଼ିକର ବିକାଶ ପାଇଁ ଆବଶ୍ୟକ କ୍ଷେତ୍ର ପରିଦର୍ଶନ କରି ରାଜ୍ୟକୁ ରିପୋର୍ଟ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। କନ୍ଧମାଳ ଜିଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ମାନେ ଦୁଇ ଜଣିଆ ପ୍ରତିନିଧିଙ୍କ ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି। ବିଶେଷ କରି ପର୍ଯ୍ୟଟକଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ଯୋଗାଇଦେବାକୁ ପର୍ଯ୍ୟଟନକ୍ଷେତ୍ରର ସୌନ୍ଦର୍ଯ୍ୟକରଣ କରାଯିବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି।


ପର୍ଯ୍ୟଟନ ଅଞ୍ଚଳ ଅନୁଧ୍ୟାନ କରୁଛନ୍ତି ଅଧିକାରୀମାନେ ।

# ପ୍ଲାଷ୍ଟିକ ଚାଉଳ ଭାବି ଟ୍ରକ୍ ଅଟକାଇଲେ ଲୋକେ

**ରାସ୍ତାରେ ଖସିପଡ଼ିଲା ଭିଟାମିନଯୁକ୍ତ ଚାଉଳ ବସ୍ତା**

ଭଞ୍ଜନଗର,୬।୨(ବାବୁଲା ପ୍ରଧାନ):

ଭଞ୍ଜନଗର ବ୍ଲକ ଅନ୍ତର୍ଗତ ପହଣ୍ଡା ଛକରେ ଗୁରୁବାର ଏକ ଚଳନ୍ତା ଟ୍ରକରୁ କେତୋଟି ଚାଉଳ ବସ୍ତା ଖସିପଡି ଫାଟି ଯାଇଥିଲା। ଭିଟମିନ୍‌ଯୁକ୍ତ ଚାଉଳ ସବୁ ରାସ୍ତାରେ ବିଛାଡ଼ି ହୋଇ ପଡ଼ିବାରୁ ସେ ସବୁ ପ୍ଲାଷ୍ଟିକ ଚାଉଳ ଭାବି ଲୋକେ ହୋହାଲ୍ଲା କରି ଟ୍ରକକୁ ଅଟକ ରଖିଥିଲେ। ପୋଲିସ ପହଞ୍ଚି ଚାଉଳକୁ ଯାଞ୍ଚ କରିବା ପରେ ତାହା ଫର୍ଟିଫାଇଡ ରାଇସ କର୍ନେଲ (ଭିଟାମିନ୍ ଯୁକ୍ତ) ବୋଲି ଜଣାପଡିଥିଲା। ପରେ ଟ୍ରକ ଛଡ଼ାଯାଇଥିଲା। ଚାଉଳ ବୋଝେଇ ଟ୍ରକ୍‌ଟି ରାୟପୁରରୁ ଗଞ୍ଜାମ ଜିଲା ଅଭିମୁଖେ ଆସୁଥିବା ବେଳେ ପଛପଟୁ ରଶି ଖୋଲିଯିବାରୁ ୫ ବସ୍ତା ଚାଉଳ ଖସି ତଳେ ପଡ଼ିଯାଇଥିଲା। ଏ ନେଇ ଭଞ୍ଜନଗର ବ୍ଲକ ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ଉକ୍ତ ଚାଉଳ ଫର୍ଟିଫାଇଡ ରାଇସ କର୍ନେଲ ବୋଲି ପ୍ରକାଶ କରି ଏଥିରେ ଭିଟାମିନ ଅଛି ବୋଲି କହିଛନ୍ତି।


ରାସ୍ତାରେ ପଡିଥିବା ଚାଉଳ ବସ୍ତା ।

## ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ପାରଳାଖେମୁଣ୍ଡି,୬।୨(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡି ପୁଡୁଣି ଛକଠାରେ ବୁଧବାର ରାତି ୮ଟାରେ ରାସ୍ତାକଡରେ ଠିଆ ହୋଇଥିବା ଏକ ଟ୍ରାକ୍ଟରକୁ ସ୍କୁଟି ଧକ୍କା ଦେଇ ସ୍କୁଟି ଚାଳକ ଏମ. କିରଣ ଗୁରୁତର ହୋଇଛନ୍ତି। ପଛରେ ବସିଥିବା ତାଙ୍କ ସ୍ତ୍ରୀ ଏମ. ସୁଭଦ୍ରାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ପାରଳାଖେମୁଣ୍ଡି ପୋଲିସ ପହଞ୍ଚି କିରଣଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ଏମ.କିରଣ ଏବଂ ସୁଭଦ୍ରାଙ୍କ ଘର ଆନ୍ଧ୍ରର ପୁରୁଣାପାଟଣା ମଣ୍ଡଳର ମାଲେୟାପେଟାରେ। ଉଭୟେ ତାଙ୍କ ଝିଅ ଘର ଗୋଷାଣୀ ମାହାଦେଈପୁରକୁ ଯାଇ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

# ନୀଳକଣ୍ଠେଶ୍ୱର ବିଦ୍ୟାପୀଠରେ ବାର୍ଷିକ ଉତ୍ସବ

ଛତ୍ରପୁର,୬।୨(ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ):

ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ନୀଳକଣ୍ଠେଶ୍ୱର ନୋଡାଲ ବିଦ୍ୟାପୀଠରେ ୪୯ତମ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ବିଷ୍ଣୁପ୍ରସାଦ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଏମ୍‌କେସିଜି ମେଡିକାଲର ସର୍ଜରୀ ବିଭାଗର ପ୍ରଫେସର ଡା. ମନୋଜ କୁମାର ସେଠୀ ଯୋଗଦେଇ ବିଦ୍ୟାଳୟରେ ତାଙ୍କର ଅନୁଭୂତି ବର୍ଣ୍ଣନା କରିଥିଲେ। ଛାତ୍ରୀଛାତ୍ରମାନେ ସମୟାନୁବର୍ତ୍ତୀ ହେବା ସହ ଭଲ ପାଠ ପଢିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ କାମରାଜୁ ମହାରଣା, ମୁଖ୍ୟବକ୍ତା ଭାବେ ଛତ୍ରପୁରର ଅତିରିକ୍ତ ତହସିଲଦାର ମନୋଜ କୁମାର ପ୍ରଧାନ ଯୋଗଦେଇଥିଲେ। ସରପଞ୍ଚ ବି.ସୁଦାମ,ସମିତି ସଭ୍ୟା ମୀନା କୁମାରୀ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରସିଂହ ଜେନା ,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ଶତପଥୀ,ଅବସରପ୍ରାପ୍ତ ଶିକ୍ଷକ କୋରା ମହାରଣା,ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଜେ.ସେନାପତି ରେଡ୍ଡି,ଏସ.ଏମ.ସି ସଭାପତି ସୁରେନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ମଞ୍ଚାସୀନ ଥିଲେ। ଅତିଥିବୃନ୍ଦ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପିଏମ୍ ଆବାସ ଯୋଜନାରେ ନୂଆ ହିତାଧିକାରୀ ପାଇଁ ସର୍ଭେ


ଜଣେ କର୍ମଚାରୀ ଏକ ପରିବାରର ସର୍ଭେ କରୁଛନ୍ତି।

ରାଇକିଆ,୫।୨(ପ୍ରଦୀପ ବେହେରା)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧୀକାରୀଙ୍କୁ ବାସଗୃହ ଯୋଗାଇ ଦେବାକୁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। କନ୍ଧମାଳ ଜିଲା ରାଇକିଆ ବ୍ଲକର ୧୨ଟି ପଞ୍ଚାୟତରେ ନୂତନ ମାର୍ଗଦର୍ଶିକା ଅନୁଯାୟୀ ଘର ଘର ବୁଲି ପୂର୍ବରୁ ବାଦ ପଡ଼ିଥିବା ଯୋଗ୍ୟ ହିତାଧୀକାରୀମାନଙ୍କୁ ଚିହ୍ନଟ କରାଯାଇ ସର୍ଭେ ତାଲିକାରେ ଅନ୍ତର୍ଭୁକ୍ତ କରାଯାଉଛି। ବ୍ଲକରେ ୨୩ ଜଣ କର୍ମଚାରୀ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ପ୍ରଥମ ଥର ପାଇଁ ହିତାଧୀକାରୀ ନିଜେ ମୋବାଇଲ ଆପ୍ଲିକେସନ ମାଧ୍ୟମରେ ନିଜର ସର୍ଭେ କରିବା ବ୍ୟବସ୍ଥା ରହିଥିବା ବେଳେ ପ୍ରଶାସନ ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ଟିମ ନିୟୋଜିତ ହୋଇଛନ୍ତି। ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଏହି ସର୍ଭେ ଚାଲିବ । ବର୍ତ୍ତମାନ ସୁଦ୍ଧା ୧୨୮୫ ପରିବାର ସର୍ଭେ ବେଳେ ଚିହ୍ନଟ କରାଯାଇଛି। ପ୍ରତ୍ୟେକ ଯୋଗ୍ୟ ପରିବାର ଯେପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବାଦ ନ ପଡନ୍ତି ତାହାକୁ ଗୁରୁତ୍ୱାରୋପ କରାଯାଉଥିବା ବିପିଏମ କମଲ ନାୟକ କହିଛନ୍ତି।

# ପ୍ରକଳ୍ପ ଗୋଟିଏ, ୨ଥର ଭିତ୍ତିପ୍ରସ୍ତର

କବିସୂର୍ଯ୍ୟନଗର,୬।୨(କୃପାସିନ୍ଧୁ ସ୍ୱାଇଁ):

କବିସୂର୍ଯ୍ୟନଗରରେ ବିକାଶ କେବଳ ରଙ୍ଗ ବୋଳାରେ ଚାଲିଥିବା ଅଭିଯୋଗ ହୋଇଛି। ଲୋକଙ୍କୁ ଭୁଆଁ ବୁଲାଇବାକୁ ଚାଲିଛି ଯୋଜନା। ପୂର୍ବ ସରକାରରେ ଯେମିତି ହେଉଥିଲା, ଏବେ ସରକାର ବଦଳିବା ପରେ କବିସୂର୍ଯ୍ୟନଗର ବିକାଶ ଯଥା ପୂର୍ବଂ ତଥା ପରଂ ଭଳି ଅନୁଭୂତ ହେଉଛି । ଏଠାରେ ପ୍ରକଳ୍ପ ଭିତ୍ତିପ୍ରସ୍ତରକୁ ନେଇ ଜୋର ଧରିଛି ରାଜନୀତି। ଗୋଟିଏ ପ୍ରକଳ୍ପର ୨ ଥର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବାରୁ ସାଧାରଣରେ କୌତୁହଳ ଦେଖାଦେଇଛି। କବିସୂର୍ଯ୍ୟନଗରରେ ସରକାରୀ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୩ ଅଗଷ୍ଟରେ ଭିଡିଓ କନଫରେନ୍ସରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପୁଣି ଗତ ଜାନୁଆରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ସେହି ପ୍ରକଳ୍ପର ଭିତ୍ତିପ୍ରସ୍ତର କରିଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବିଜେଡି ଜାଗା ଚିହ୍ନଟ କରି ତରବରିଆ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲା। ହେଲେ କୌଣସି କାର୍ଯ୍ୟ ହୋଇ ନ ଥିଲା। ତେଣୁ ପୁଣି ସେହି ପ୍ରକଳ୍ପକୁ ଭାଜପା ଭିତ୍ତି ପ୍ରସ୍ତର କରିଛି। ଅନ୍ୟପଟେ ଏନ୍‌ଏସି ଦୁଇଥର ଅଧକ୍ଷା ଓ ଉପାଧକ୍ଷଙ୍କ ଦ୍ୱାରା ସାଧାରଣତନ୍ତ୍ର ଦିବସ ପାଳନ କରିବା ଦେଶଭକ୍ତିର ପରିଚୟ ଦେବା ନା ବିଶୃଙ୍ଖଳା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ବାଚନରେ ଭାଜପା ଜିତିଲେ ମାସକ ମଧ୍ୟରେ କବିସୂର୍ଯ୍ୟନଗରର ବିକାଶ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ୮ ମାସ ପରେ ବି କୌଣସି ପଦକ୍ଷେପ ନିଆଯାଇନି ବୋଲି ରାଜ୍ୟ ଯୁବ ବିଜେଡ଼ି ସାଧାରଣ ସମ୍ପାଦକ ପ୍ରମୋଦ ପଣ୍ଡା ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି ।






ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର

ପ୍ରତ୍ୟେକ ଭାରତୀୟଙ୍କ ସଂକଳ୍ପ
ଫାଇଲେରିଆ (ଗୋଦର)
ମୁକ୍ତ ଭାରତ



"ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଆମର ସଂକଳ୍ପ"
– ଶ୍ରୀ ନରେନ୍ଦ୍ର ମୋଦୀ (ପ୍ରଧାନମନ୍ତ୍ରୀ)

ଦେଶର ଫାଇଲେରିଆ ବିରୋଧୀ ଲଢ଼େଇରେ ଫେବୃଆରୀ ୧୦ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ ।

ଫାଇଲେରିଆ ମଶା କାମୁଡ଼ା ଦ୍ୱାରା ବ୍ୟାପିଥାଏ; କାମୁଡ଼ାର ୫–୧୫ ବର୍ଷ ପରେ ଏହାର ଲକ୍ଷଣ ଦେଖାଦେଇଥାଏ; ଏହା ଗୋଦର ଏବଂ ଅଣ୍ଡକୋଷ ଫୁଲିବା ସମସ୍ୟାର କାରଣ ସାଜିପାରେ ।

୧୦ ଫେବୃଆରୀ ୨୦୨୫ଠାରୁ ୧୩ଟି ରାଜ୍ୟ (ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ଗୁଜରାଟ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗ)ର ୧୧୧ଟି ଜିଲ୍ଲାରେ ୨ ସପ୍ତାହବ୍ୟାପୀ ଗଣ ଔଷଧ ସେବନ (ଏମ୍‌ଡିଏ) ଅଭିଯାନ ସଞ୍ଚାଳିତ ହେବ ।

ଏହି ଦିନ ପରଠାରୁ, ସ୍ୱାସ୍ଥ୍ୟକର୍ମୀମାନେ ଆପଣଙ୍କ ଘରକୁ ଆସି ଆପଣଙ୍କୁ ଫାଇଲେରିଆ ନିରୋଧୀ ଔଷଧ ପ୍ରଦାନ କରିବେ, ଯାହାକୁ ଆପଣ ସେବନ କରିବା ନିହାତି ଜରୁରୀ ।

ଏହି ଔଷଧଗୁଡ଼ିକ ସରକାରଙ୍କ ଦ୍ୱାରା ଆପଣଙ୍କର ନିକଟତମ ଏମ୍‌ଡିଏ ବୁଥ୍‌ରେ ମଧ୍ୟ ବିନା ମୂଲ୍ୟରେ ଉପଲବ୍ଧ ହେବ ।

ଅଧିକ ସୂଚନା ପାଇଁ ଆପଣଙ୍କର ନିକଟତମ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଆଶାଦିଦିଙ୍କ ସହିତ ଯୋଗାଯୋଗ କରନ୍ତୁ


ଆସନ୍ତୁ ମିଳିମିଶି
ଭାରତକୁ ଫାଇଲେରିଆ ମୁକ୍ତ କରିବା


cbc 17102/13/0022/2425

mohfw.gov.in @MoHFWIndia @MoHFW_INDIA @mohfwindia mohfwindia @mohfw_india @mohfw_india @dohfw.india

## ଘରୁ ଟଙ୍କା, ଅଳଙ୍କାର ଚୋରି

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ)ଗୋସାଣିନୂଆଗାଁ ଥାନା ଅନ୍ନପୂର୍ଣ୍ଣା ନଗରର ସାଗର ପାଣିଗ୍ରାହୀଙ୍କ ଘରେ ଚୋରମାନେ କଳାକାନା ବୁଲାଇଛନ୍ତି। ଏ ନେଇ ଗୋସାଣିନୂଆ ଗାଁ ଥାନାରେ ଗୃହକର୍ତ୍ତା ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ଉକ୍ତ ନଗରର ୪ର୍ଥ ଲେନରେ ସାଗର ପରିବାର ସହ ରହୁଛନ୍ତି। ବୁଧବାର ସକାଳେ ସେ ଉଠି ଦେଖିବା ବେଳେ ଆଲମୀରା ଖୋଲାଥିଲା। ମଙ୍ଗଳବାର ମଧରାତିରେ ଚୋର ଗ୍ୟାଙ୍ଗ ଆଲମୀରା ଭାଙ୍ଗି ୧୨ହଜାର ଟଙ୍କା, ୨ଟି ରୂପା ମୁଦି, ଗୋଟିଏ ରୂପା ବ୍ରେସଲେଟ ଓ ଗୋଟିଏ ସୁନା ମୁଦି ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଛି।

### ସଂକ୍ଷେପରେ

## ୨ ଭାଇଙ୍କୁ ହତ୍ୟା ଉଦ୍ୟମ: ୩ ବନ୍ଧାହେଲେ

ବ୍ରହ୍ମପୁର,୬।୨(ସୁବାସ ଚନ୍ଦ୍ର ପାଢ଼ୀ)

ଦୁଇ ଭାଇଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ବଡବଜାର ପୋଲିସ ୩ଜଣଙ୍କୁ ବାନ୍ଧିଛି। ସେମାନେ ହେଲେ ରାଉତପେଣ୍ଠସାହିର ଅଶୋକ କୁମାର ସାହୁ, ମହେଶ୍ୱର ସାହୁ ଓ ଶ୍ରୀରାମ ନଗର ଅଷ୍ଟମ ଲାଇନର ସୁକାନ୍ତ ସାହୁ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଗଣ୍ଡଗୋଳ ହୋଇଥିବା ପୋଲିସ ତଦନ୍ତରୁ ଜଣାପଡିଛି। ସ୍ଥାନୀୟ ରାଉତପେଣ୍ଠ ସାହିର ଲୋକନାଥ ମହାରଣା, ଶଙ୍କର ମହାରଣା ଓ ତାଙ୍କ ପରିବାର ଲୋକେ ରୁହନ୍ତି । ସେହି ସାହିରେ ଅଭିଯୁକ୍ତ ଅଶୋକ ସାହୁ ଓ ମହେଶ୍ୱର ସାହୁ ବି ରୁହନ୍ତି । ଗତ କିଛି ଦିନ ପୂର୍ବେ ଉଭୟଙ୍କ ମଧରେ କୌଣସି କାରଣକୁ ନେଇ ଝଗଡା ହୋଇଥିଲା। ସେହିପରି ଗତ ୩ତାରିଖ ଅପରାହ୍ନ ସମୟରେ ଲୋକନାଥ ଓ ତାଙ୍କ ଭାଇ ଶଙ୍କର କାମ ସାରି ଘରକୁ ଫେରୁଥିଲେ। ତ୍ରିବେଣୀ ନଗର ଛକ ନିକଟରେ ଉପରୋକ୍ତ ଅଭିଯୁକ୍ତ ମାନେ ଦୁଇ ଭାଇଙ୍କୁ ଅଟକାଇ ଗାଳି ଗୁଲଜ କରିଥିଲେ। ପରେ ଲୋକନାଥ ଓ ଶଙ୍କରଙ୍କୁ ଲୁହା ରଡ୍‌ରେ ମରଣାନ୍ତକ ଆକ୍ରମଣ କରିଥିଲେ।

# ଶିଳ୍ପ କ୍ଷେତ୍ରରେ ସମୃଦ୍ଧ ହେଉଛି ଗଞ୍ଜାମ

## ଜିଲ୍ଲାରେ ୬୮ ହଜାର ଏମଏସଏମଇ ୨.୪ ଲକ୍ଷ ଶ୍ରମିକ ପାଇଛନ୍ତି ନିଯୁକ୍ତି

ବ୍ରହ୍ମପୁର,୬।୨(ଅଶୋକ କୁମାର ସାହୁ)

ଗଞ୍ଜାମକୁ ଶିଳ୍ପ କ୍ଷେତ୍ରରେ ସମୃଦ୍ଧ କରିବାକୁ ସରକାରଙ୍କ ଯୋଜନା ରହିଛି। ବିଶେଷ କରି ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ଉତ୍କର୍ଷ ଓଡ଼ିଶା, ମେକ୍ ଇନ ଓଡ଼ିଶା କନକ୍ଲେଭ-୨୦୨୫ରେ ଜିଲାକୁ ୩ ପୁରସ୍କାର ମିଳିବା ପରେ ଏହା ସ୍ପଷ୍ଟ ହୋଇଛି। ଗଞ୍ଜାମ ଜିଲାରେ ବର୍ତ୍ତମାନ ୬୮ ହଜାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ରହିଛି। ପ୍ରତି ଉଦ୍ୟୋଗରେ ହାରାହାରି ୩ଜଣ ଲେଖାଏଁ ଶ୍ରମିକ ହେଲେ ପ୍ରାୟ ୨ ଲକ୍ଷ ୪ ହଜାର ଶ୍ରମିକ ଏ କ୍ଷେତ୍ରରେ ନିଯୁକ୍ତ ହୋଇଥିବା ଜିଲା ଶିଳ୍ପ କେନ୍ଦ୍ର ସୂତ୍ରରୁ ସୂଚନା ମିଳିଛି। ବିଶେଷ କରି ଉଦ୍ୟୋଗ ସୃଷ୍ଟି ଓ ଉଦ୍ୟୋଗୀଙ୍କୁ ଉତ୍ସାହ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୩ ଯୋଜନା ରହିଛି। ଉଦ୍ୟୋଗୀଙ୍କୁ ସ୍ୱାବଲମ୍ବନ କରିବା କ୍ଷେତ୍ରରେ ଏହା ପ୍ରଯୁଜ୍ୟ ବୋଲି କୁହାଯାଇଛି। ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ(ପିଏମଇଜିପି)ରେ ହିତାଧିକାରୀଙ୍କୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାର ଋଣ ଯୋଗାଇ ଦେଉଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଖାଦ୍ୟ ପ୍ରକ୍ରିୟାକରଣ ଯୋଜନା(ପିଏମ୍ଏଫ୍ଏମ୍ଇ)ରେ ଅନୁରୂପ ବ୍ୟବସ୍ଥା ରହିଛି। ଏ କ୍ଷେତ୍ରରେ ଋଣ ନେଇଥିବା ଟଙ୍କା ଉପରେ ସହରାଞ୍ଚଳ ହିତାଧିକାରୀଙ୍କୁ ୧୫ରୁ ୨୫ ପ୍ରତିଶତ ଓ ଗ୍ରାମାଞ୍ଚଳ ହିତାଧିକାରୀଙ୍କୁ ୨୫ରୁ ୩୫ ପ୍ରତିଶତ ସବସିଡି ରହିଛି। ସେହିପରି ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ ହିତାଧିକାରୀଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମିଳୁଛି, ତାହା ଶୁଝିଲେ ପୁଣି ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯିବା ବ୍ୟବସ୍ଥା ରହିଛି। ପ୍ରତିବର୍ଷ ପିଏମଇଜିପିରେ ସର୍ବନିମ୍ନ ୨୦୦୦ ଶ୍ରମ ଓ ପିଏମଏଫଏମ୍ଇରେ ୪୫୦ ଶ୍ରମ ସୃଷ୍ଟି କରାଯାଇପାରୁଛି। ୨୦୨୪-୨୫ଆର୍ଥିକ ବର୍ଷରେ ପିଏମଇଜିପିରେ ୧୦୦୦ ଉଦ୍ୟୋଗୀ ଋଣ ପାଇଁ ଦରଖାସ୍ତ କରିଥିବାବେଳେ ସେଥିରୁ ୩୪୪ ଜଣଙ୍କୁ ଆର୍ଥିକ ପ୍ରୋତ୍ସାହନ ଦିଆଯାଇଛି। ୨୨ କୋଟି ସବସିଡିରୁ ୧୪ କୋଟି ବଣ୍ଟନ ହୋଇଛି। ସେହିପରି ପିଏମଏଫଏମଇରେ ୨୫୧ ଦରଖାସ୍ତ ଆସିଥିବାବେଳେ ୯୧ ଜଣଙ୍କୁ ଋଣ ମଂଜୁର କରାଯାଇଛି। ପ୍ରାୟ ୭ କୋଟି ଟଙ୍କାର ସବ୍‌ସିଡି ବଣ୍ଟନ ହୋଇଛି। ସେହିପରି ପ୍ରଧାନମନ୍ତ୍ରୀଙ୍କ ଷ୍ଟାର୍ଟଅପରେ ଯୋଡ଼ି ହେବା ପାଇଁ ଚଳିତବର୍ଷ ୮୬ ହିତାଧିକାରୀଙ୍କ ନିକଟରୁ ଦରଖାସ୍ତ ଆସିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏ କ୍ଷେତ୍ରରେ ୪୦ ବର୍ଷରୁ କମ୍ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଗତ ୧ ତାରିଖରେ ରାଜ୍ୟସ୍ତରରେ ଉତ୍କର୍ଷ ଓଡ଼ିଶା, ମେକ୍ ଇନ ଓଡ଼ିଶା କନକ୍ଲେଭ-୨୦୨୫ ଅନୁଷ୍ଠିତ ହୋଇଥିଲା। ଗଞ୍ଜାମର ମୁନିକୋ ଫୁଡ୍‌ସ ପ୍ରା.ଲି.ର ମାଲିକ ସତ୍ୟବ୍ରତ ମୁନି, ମା' ଫୁଡ୍‌ସ ଆଣ୍ଡ ବେଭେରେଜ୍‌ସର ମାଲିକ ଦୀପକ କୁମାର ଜେନା, ବିନାୟକ କେଓଡା ଡିଷ୍ଟିଲାଇଜରର ମାଲିକ ରାଜେଶ କୁମାର ନାୟକଙ୍କୁ ଉତ୍କର୍ଷ ଓଡ଼ିଶା ପୁରସ୍କାର ମିଳିଛି। ଏମଏସଏମଇ କ୍ଷେତ୍ରରେ ସେମାନଙ୍କ ଉତ୍ସର୍ଗୀକୃତ ମନୋଭାବ ଓ କଠିନ ପରିଶ୍ରମ ଦ୍ୱାରା ଏହା ସଫଳ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଜିଲା ଶିଳ୍ପ କେନ୍ଦ୍ରର ଭାରପ୍ରାପ୍ତ ସାଧାରଣ ପରିଚାଳକ ହୃଷୀକେଶ ବେହେରାଙ୍କୁ ପଚାରିବାରୁ ସେ କହିଲେ ଯେ, ଅଣୁ, କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ସରକାର ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେଉଛନ୍ତି। ଗଞ୍ଜାମ ଏ କ୍ଷେତ୍ରରେ ଅଗ୍ରସର ହେଉଛି। ଆଗାମୀ ଦିନରେ ଗଞ୍ଜାମକୁ ଶିଳ୍ପ ସମୃଦ୍ଧ କରିବା କ୍ଷେତ୍ରରେ ଗଞ୍ଜାମ ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଉଦ୍ୟମ ଜାରି ରହିଛି ଓ ରହିବ ବୋଲି ସେ କହିଛନ୍ତି।

## ମହାନଗର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କୁ ୨୫୦ କୋଟି ଆର୍ଥିକ ସହାୟତା ପ୍ରସ୍ତାବ



ଆର୍ଥିକ କମିଶନ ବୈଠକରେ ଉପସ୍ଥିତ ମେୟର ଓ ଅନ୍ୟମାନେ।

ବ୍ରହ୍ମପୁର,୬।୨(ସ୍ମୃତି ରଞ୍ଜନ ମହାଲିକ)

ମହାନଗରର ଉନ୍ନତି ପାଇଁ ଭୁବନେଶ୍ୱରଠାରେ ଗୁରୁବାର ଆୟୋଜିତ ୧୬ତମ ଆର୍ଥିକ କମିଶନ ବୈଠକରେ ରାଜ୍ୟ ସରକାରଙ୍କ ନିକଟରେ ୨୫୦ କୋଟି ଆର୍ଥିକ ସହାୟତା ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ମେୟର ସଂଘମିତ୍ରା ଦଳେଇ ପ୍ରସ୍ତାବ ରଖିଛନ୍ତି। ପ୍ରସ୍ତାବ ଗୁଡିକ ମଧ୍ୟରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ସହରରେ ମଡର୍ଣ୍ଣ ଇ-ଲାଇବ୍ରେରୀ ସୁବିଧା, ୩୦ କୋଟି ଟଙ୍କା ବ୍ୟୟରେ ୧ ହଜାର ସିଟ ବିଶିଷ୍ଟ କନଭେନସନ ହଲ, ୯ କୋଟି ଟଙ୍କା ବ୍ୟୟରେ ୩ କଲ୍ୟାଣ ମଣ୍ଡପ, ୧୦୦ କୋଟି ଟଙ୍କା ବ୍ୟୟରେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ୭.୨ କୋଟି, ୱାର୍ଡ ଗୁଡିକରେ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ବାର୍ଷିକ ୨୮ କୋଟି, ସହରର ମୁଖ୍ୟ ଛକ ସୌନ୍ଦର୍ଯ୍ୟକରଣ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ୫୦ କୋଟି ଏବଂ ସହରରେ ବସ୍ତିର ଉନ୍ନତିକରଣ ପାଇଁ ୨୦ କୋଟି ବଜେଟ ପ୍ରଦାନ ପାଇଁ ମେୟର ସଭାରେ ପ୍ରସ୍ତାବ ଦେଇଥିବା ସୂଚନା ମିଳିଛି।

## ପ୍ରତିଶ୍ରୁତି ପରେ ଜଳପ୍ରକଳ୍ପ କାର୍ଯ୍ୟାଳୟରୁ ତାଲା ଖୋଲିଲେ ବୁଡ଼ି ଅଞ୍ଚଳବାସୀ


ଛେଲିଗଡ ଜଳପ୍ରକଳ୍ପସ୍ଥିତ ସ୍ୱତନ୍ତ୍ର ଭୂ-ଅର୍ଜନ କାର୍ଯ୍ୟାଳୟ ପରିସରରେ ବୁଡ଼ି ଅଞ୍ଚଳବାସୀ।

ଆର. ଉଦୟଗିରି,୬।୨(ମନୋଜ କୁମାର ପାଢୀ )

ଗଜପତି ଜିଲା ଛେଲିଗଡ ଜଳପ୍ରକଳ୍ପସ୍ଥିତ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଅଧିକାରୀଙ୍କ ମନମୁଖି କାର୍ଯ୍ୟକଳାପକୁ ବିରୋଧ କରି ଛେଲିଗଡ ବୁଡି ଅଞ୍ଚଳର ମହିଳା ଓ ପୁରୁଷ ବୁଧବାର ମହେନ୍ଦ୍ରଗଡସ୍ଥିତ ଜଳପ୍ରକଳ୍ପ କାର୍ଯ୍ୟାଳୟ ଘେରାଉ କରିବା ସହ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଜିଲାପାଳ ବୁଡି ଅଞ୍ଚଳର ସମ୍ପୂର୍ଣ୍ଣ ସର୍ଭେ କରିବାକୁ ପ୍ରକଳ୍ପର ଭୂ-ଅର୍ଜନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଅଧିକାରୀମାନେ ଏ ସମ୍ପର୍କିତ ରିପୋର୍ଟ ଜିଲାପାଳଙ୍କୁ ଦେଇଥିଲେ । ତେବେ ବୁଡି ଅଞ୍ଚଳ ସଂଗ୍ରାମ ସମିତି ସଭାପତି ଚୈତନ୍ୟ ସାହୁ ଜଳପ୍ରକଳ୍ପ ଅଧିକାରୀଙ୍କୁ ବୁଡି ଅଞ୍ଚଳକୁ ନ ଯାଇ କିପରି ସର୍ଭେ କଲେ ବୋଲି ପଚାରିବାରୁ ଅଧିକାରୀ ଜଣକ ରାଗିଯାଇ ଅଫିସ ଛାଡି ଚାଲି ଯାଇଥିଲେ। ସମ୍ପୃକ୍ତ ଅଧିକାରୀଙ୍କ ଏଭଳି ବ୍ୟବହାରକୁ ବିରୋଧ କରି ବୁଡି ଅଞ୍ଚଳର ସମସ୍ତ ଜନସାଧାରଣ ଅଫିସ ଘେରାଉ କରିବା ସହ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ତେବେ ଆର. ଉଦୟଗିରି ଥାନା ଅଧିକାରୀ ଅଶ୍ୱିନୀ ଭିତିରିଆ, ଏସଡ଼ିପିଓ, ଜଳପ୍ରକଳ୍ପର ସମସ୍ତ ଅଧିକାରୀ ଓ ବୁଡିଅଞ୍ଚଳର ଜନସାଧାରଣଙ୍କ ଉପସ୍ଥିତିରେ ଏକ ଶାନ୍ତି ବୈଠକ ହୋଇଥିଲା । ବୈଠକରେ ପ୍ରଶାସନ କିଛି ଦିନ ସମୟ ମାଗି ସମସ୍ତ ତଥ୍ୟର ସର୍ଭେ କରାଯାଇ ରିପୋର୍ଟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଫାଟକରୁ ତାଲା ଖୋଲା ଯାଇଥିଲା ।

## ୨ ଗାଡ଼ି ସହ ଗଞ୍ଜେଇ ଜବତ, ୪ ଗିରଫ

ଆସିକା/ଧରାକୋଟ,୬।୨(ସୁରେନ୍ଦ୍ର ନାଥ ସାହୁ/ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ଆସିକା-ଧରାକୋଟ ମୁଖ୍ୟରାସ୍ତାର ଭଣ୍ଡାରିବସା ନିକଟରୁ ବୁଧବାର ଅପରାହ୍ନରେ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ଆସିକା ଓ ସୋରଡା ଅବକାରୀ ବିଭାଗ ସହାୟତାରେ ଚୋରାଚାଲାଣ ହେଉଥିବା ୭୦ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଆସିକା ଥାନା ଅନ୍ତର୍ଗତ ନବରତ୍ନପୁର ଗ୍ରାମର ଟିଟୁ ପୋଲାଇ, ସନ୍ତୋଷ ପୋଲାଇ, ସୁନୀଲ ସ୍ୱାଇଁ ଓ ପୋଲସରା ଥାନା ଖଣ୍ଡୁରୁ ଗ୍ରାମର ଅଶୋକ ସାହୁ । ଅଭିଯୁକ୍ତମାନେ ଗଞ୍ଜେଇ ଚାଲାଣ ପାଇଁ ବ୍ୟବହାର କରିଥିବା ଏକ ପିକଅପ ଭ୍ୟାନ ଏବଂ ସେମାନଙ୍କ ସୁରକ୍ଷାରେ ଯାଉଥିବା ଗୋଟିଏ କାର ସହ ୬ଟି ମୋବାଇଲ ଫୋନ ଜବତ କରାଯାଇଛି । ୨ଟି ବ୍ୟାଗରେ ରହିଥିବା ଏହି ଗଞ୍ଜେଇ ଦାରିଙ୍ଗିବାଡିରୁ ପ୍ରଥମେ ପୋଲସରା ଓ ପରେ ରେଳ ଯୋଗେ ମୁମ୍ବାଇ ନେବା ଲାଗି ମସୁଧା କରାଯାଇଥିବା ଅବକାରୀ ବିଭାଗର ତଦନ୍ତରୁ ଜଣାପଡିଛି । ଗିରଫ ଅଭିଯୁକ୍ତମାନଙ୍କୁ ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଗୋଇନ୍ଦା ବିଭାଗର ଡିଏସପି. ଶ୍ରୁତିକାନ୍ତ ରାଉତ ସୂଚନା ଦେଇଛନ୍ତି ।

## ସହର ଉପକଣ୍ଠରେ ବିଦେଶୀ ପକ୍ଷୀଙ୍କ ସୁରକ୍ଷାକୁ ଗୁରୁତ୍ୱ


ସୁକୁଣ୍ଡା ହଜକୁ ଆସିଥିବା ବିଦେଶୀ ପକ୍ଷୀ।

ବ୍ରହ୍ମପୁର,୬।୨(ସ୍ମୃତି ରଞ୍ଜନ ମହାଲିକ)

ସହର ଉପକଣ୍ଠସ୍ଥ ସୁକୁଣ୍ଡା ହଜ, ବେଣା ବନ୍ଧ ଓ ଦକ୍ଷିଣପୁର ଘାଇରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଛି। ପୂର୍ବରୁ ଚିଲିକା ଓ ବାହୁଦା ମୁହାଣରେ ବିଦେଶ ପକ୍ଷୀ ଦେଖିବାକୁ ମିଳୁଥିଲା। ବର୍ତ୍ତମାନ ସହର ଉପକଣ୍ଠରେ ପକ୍ଷୀ ଆସିବା ଦେଖି ସ୍ଥାନୀୟ ବାସିନ୍ଦା ଓ ସହରବାସୀ ଖୁସି ପ୍ରକାଶ କରିଛନ୍ତି। ପକ୍ଷୀ ଗୁଡିକ ମଧ୍ୟରେ ୟୁରସିଆନ, ଲେଜର ହୁଇସିଲିଂ, କୋଟନ ପିଗିମି, ଘଦ୍ୱାଲ, କମନ ପଚ୍ଚାର୍ଡ, ଲିଟିଲ ଟେନ, ୟୁରସିଆନ ୱିଗନ, ଗେଣ୍ଡାଳିଆ, ବଳୀସୁଆ, ମାଛରଙ୍କା, ଯାକାନା, ରେଡ ୱାଟଲେଡ ଲାପିଇଂ, ସମ୍ପେନ, ପର୍ପଲ ହେରନ ରହିଛନ୍ତି। ଏଥିସହ ପ୍ରତିଦିନ ଶୁଆ, ସାରି ଓ ବିଭିନ୍ନ ପ୍ରଜାତିର ପକ୍ଷୀ ବସବାସ କରୁଛନ୍ତି। ଗତ ଲଘୁଚାପ ଜନିତ ବର୍ଷା କାରଣରୁ ଏହି ଅଂଚଳରେ ଅଳ୍ପ ପରିମାଣରେ ସନ୍ତ ସନ୍ତିଆ ଆର୍ଦ୍ରଭୂମି ଓ ଚତୁଃପାର୍ଶ୍ୱରେ ଗଛ ରହିଛି। ଫଳରେ ପକ୍ଷୀମାନେ ସହଜରେ ଖାଦ୍ୟ ପାଇ ପାରୁଛନ୍ତି। ତେବେ ଏହି ପକ୍ଷୀଙ୍କୁ ଶୀକାରୀ ଦାଉରୁ ରକ୍ଷା କରିବା ପାଇଁ ସବୁଜ ବାହିନୀ, ଆଂଚଳିକ ବିକାଶ ପରିଷଦ ଓ ଷ୍ଟେପ ଫର ନେଚର ସଦସ୍ୟମାନେ ମିଳିତ ଭାବେ ପଦକ୍ଷେପ ନେଇଛନ୍ତି। ଏଥିସହ ହଜକୁ ଆସୁଥିବା ପକ୍ଷୀ ଚିହ୍ନଟ ଏବଂ ସୁରକ୍ଷା ପାଇଁ ସଂଘ ପକ୍ଷରୁ କେରାଣ୍ଡିମାଳା ୱିଙ୍ଗଡ ୱାଇଲ୍ଡ ଲାଇଫ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସୁକୁଣ୍ଡା ହଜରେ ୧୧ ଶହରୁ ଉର୍ଦ୍ଧ୍ୱ ଓ ବେଣା ବନ୍ଧରେ ୮ଶହର ଉର୍ଦ୍ଧ୍ୱ ପକ୍ଷୀ ଆସିଥିବା ସଂଘ ପକ୍ଷରୁ କୁହାଯାଇଛି। ପକ୍ଷୀ ଗଣନା ପାଇଁ ୪ ଦିନ ସମୟ ଲାଗିଥିବା ସଂଘ ପକ୍ଷରୁ କୁହାଯାଇଛି। ଏଥିରେ ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ଏ ପ୍ରକାଶ, ପି ବିନୋଦ, ଆଂଚଳିକ ବିକାଶ ପରିଷଦର ସଭାପତି ସାଗର ପାତ୍ରଙ୍କ ସମେତ ବିଜେନ୍ଦ୍ର ମାଝି ଓ ଷ୍ଟେପ ଫର ନେଚରର ସ୍ୱାଧୀନ କୁମାର ସାହୁ ଉପସ୍ଥିତ ଥିଲେ।

## ଜିଲା ପ୍ରାଣୀ ଚିକିତ୍ସାଳୟରେ ଅତ୍ୟାଧୁନିକ ଚିକିତ୍ସା ଦାବି

ବ୍ରହ୍ମପୁର,୬।୨(ସ୍ମୃତି ରଞ୍ଜନ ମହାଲିକ)

ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟରେ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ନ ଥିବା କାରଣରୁ ବହୁ ପଶୁଙ୍କ ସଠିକ ଚିକିତ୍ସା ହୋଇପାରୁ ନାହିଁ। ଫଳରେ ବହୁ ପଶୁ ଅକାଳରେ ମୃତ୍ୟୁବରଣ କରୁଛନ୍ତି ବୋଲି ସମାଜସେବୀ ମନୋଜ ତରାଇ ଅଭିଯୋଗ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଜାତୀୟ ରାଜପଥରେ ଏକ ଷଣ୍ଢ ଦୁର୍ଘଟଣାଗ୍ରସ୍ତ ହୋଇ ଦୀର୍ଘ ସମୟ ଧରି ରାଜପଥରେ ପଡି ରହିଥିଲା। ଏ ନେଇ ପଶୁ ସହାୟକ ଟୋଲ ଫ୍ରି ନଂ ୧୯୬୨ରେ ଜଣାଇଥିଲେ। ଏହାପରେ ଆମ୍ବୁଲାନ୍ସ ପହଂଚିଲା କିନ୍ତୁ ଆହତ ଷଣ୍ଢକୁ କର୍ମଚାରୀମାନେ ସଠିକ ଚିକିତ୍ସା ଯୋଗାଇ ପାରି ନ ଥିଲେ। ଯାହାଦ୍ୱାରା ପଶୁର ଚିକିତ୍ସା ହୋଇପାରି ନ ଥିଲା। ପଶୁ ଚିକିତ୍ସାଳୟରେ ଆଧୁନିକ ଲିଫ୍ଟ ବ୍ୟବସ୍ଥା ଓ ପଶୁ ଆୟତ୍ତ ପାଇଁ ମେସିନ ନ ଥିବା କାରଣରୁ ଏଭଳି ସମସ୍ୟା ଉପୁଜୁଥିବା ସମାଜିକ କର୍ମୀ ଅଭିଯୋଗ କରିଛନ୍ତି। ଏଥିସହ ପଶୁ ଚିକିତ୍ସାଳୟରେ ଇନଡୋର ସୁବିଧା, ସରକାରୀ ଔଷଧ ଯୋଗାଣ, ଇଞ୍ଜେକସନ ଓ ସାଲାଇନ ବାଟ ମାରଣା ହେଉଥିବା ସେ ଅଭିଯୋଗ କରିଛନ୍ତି। ଏଣୁ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି କରିଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଦିଗପହଣ୍ଡି,୬।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ମନମୋହନ ଅଧିକାରୀଙ୍କ (୫୧) ପରଲୋକ ଘଟିଛି। ମନମୋହନ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ସରପଞ୍ଚ ଭାବେ ଦାୟିତ୍ୱ ତୁଲାଇଥିଲେ। ସେ ଦୀର୍ଘଦିନ ଧରି କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। କିଛିଦିନ ପୂର୍ବେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ପରଲୋକ ଘଟିଛି।

## ଜନ୍ମମାଟିରେ ବିଏସ୍ଏଫ୍ ଯବାନଙ୍କ ଶେଷକୃତ୍ୟ

ଛତ୍ରପୁର,୬।୨(ଦିଲ୍ଲୀପ ସାମଲ)


 କେ.ସୋମନାଥ

ଜଣେ କାର୍ଯ୍ୟରତ ବିଏସ୍ଏଫ୍ ଯବାନ କେ.ସୋମନାଥଙ୍କ ଜନ୍ମମାଟି ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ବାଳକୃଷ୍ଣପୁର ଗ୍ରାମରେ ଗୁରୁବାର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶେଷକୃତ୍ୟ ବେଳେ ବାଟାଲିୟନ ୟୁନିଟ୍ ପକ୍ଷରୁ ତାଙ୍କୁ ଗାର୍ଡ ଅଫ ଅନର ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଛତ୍ରପୁର ବ୍ଲକ ଚିକଲଖଣ୍ଡି ପଞ୍ଚାୟତର ବାଳକୃଷ୍ଣପୁର ଗ୍ରାମର କେ.ବୁଦ୍ଧିଆ ପାତ୍ରଙ୍କ ପୁଅ କେ.ସୋମନାଥ ବିଏସ୍ଏଫ୍ ୧୬୩ ବାଟାଲିୟନର ମିଜୋରାମରେ ହାବିଲଦାର ଭାବେ କାର୍ଯ୍ୟରତ ଥିଲେ। ଯକୃତ ଦଣ୍ଡିସ ରୋଗରେ ଆକ୍ରାନ୍ତ ଥିବାରୁ ସେ ୨୯।୧। ୨୦୨୫ରୁ ଦୁଇ ମାସ ପାଇଁ ଛୁଟିରେ ଗାଁକୁ ଆସିଥିଲେ। ସେହିଦିନ ହିଁ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ନ ଆସିବାରୁ ହସ୍ପିଟାଲ ପକ୍ଷରୁ ସୋମନାଥଙ୍କୁ ଘରକୁ ଫେରାଇ ଦେଇଥିଲେ । ବୁଧବାର ରାତିରେ ଗ୍ରାମରେ ସୋମନାଥଙ୍କ ପରଲୋକ ହୋଇଥିଲା। ଏହି ଖବର ପାଇ ଖୋର୍ଦ୍ଧାସ୍ଥିତ ବିଏସ୍ଏଫ୍ କ୍ୟାମ୍ପରୁ ଏକ ପ୍ରତିନିଧି ଦଳ ଗ୍ରାମରେ ପହଞ୍ଚିଥିଲେ। ଗ୍ରାମବାସୀ ତାଙ୍କ ପାର୍ଥିବ ଶରୀର ଶୋଭାଯାତ୍ରାରେ ଶ୍ମଶାନକୁ ନେବାବେଳେ ସେଠାରେ ବିଏସ୍ଏଫ୍ ପ୍ରତିନିଧି ଦଳ ତାଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରିଥିଲେ। ପୁଅ ଦିଲୁ ମୁଖାଗ୍ନି ଦେଇଥିଲେ।

## କାର୍ ଦୁର୍ଘଟଣାରେ ଜଣେ ମୃତ, ୪ ଗୁରୁତର

ଖଜୁରିପଡ଼ା,୬।୨(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ଅଞ୍ଚଳର ଯୁବକ ମାନେ (ଓଡ଼ି ୦୨ ଇ ୪୧୭୪) କାରରେ ଚାରିଛକରୁ ନିଜ ଗ୍ରାମ ଆଡ଼କୁ ଆସୁଥିବା ବେଳେ ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଝାଡ୍ରାଜିଙ୍ଗ ଠାରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଛି। ଘଟଣା ସ୍ଥଳରେ ଜଣେ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି। ଚାରିଜଣଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପୁରୁଣାକଟକ ଚିକିତ୍ସାକେନ୍ଦ୍ରରେ ଭର୍ତ୍ତି କରିବା ପରେ ୨ଜଣଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ଓ ଆଉ ୨ଜଣଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରିତ କରାଯାଇଛି। ଘଟଣା ସ୍ଥଳରେ ପୁରୁଣାକଟକ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମୃତ ଓ ଗୁରୁତର ମାନେ ହେଲେ କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ସୁଡୁକୁମ୍ପା ପଞ୍ଚାୟତ ରାଣୀପଥର ଗ୍ରାମର। ମୃତ ଯୁବକ ହେଲେ ସ୍ୱର୍ଗତ ସାଗର ମଲିକଙ୍କ ପୁଅ ଗଙ୍ଗାଧର ମଲିକ (୨୦)। ଗୁରୁତର ମାନେ ହେଲେ ରାଜେଶ୍ ବେହେରା, ଚନ୍ଦନ ସାହୁ, ବିରୁପକ୍ଷ ବେହେରା, ସାଇଲ୍ ଖାନ୍।

## ହବାକ୍ ଉଚ୍ଚବିଦ୍ୟାଳୟରେ ଇକୋ ପ୍ରଦର୍ଶନୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

ଜି.ଉଦୟଗିରି,୬।୨(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ସ୍ଥିତ ହବାକ ଉଚ୍ଚବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷକ ବିଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ଜିଲାସ୍ତରୀୟ ଇକୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏହାକୁ ବିଇଓ ଦିବ୍ୟ ପ୍ରକାଶ ପ୍ରଧାନ ଉଦ୍‌ଘାଟନ କରିଥିଲେ। ବନପାଳ ଅଧିକାରିଣୀ ଏସିଏଫ କାଜୋଲ କୁମାରୀ ନାୟକ, ସ୍ଥାନୀୟ ସରପଞ୍ଚ ତ୍ରିଶିଳା ପ୍ରଧାନ ଉପସ୍ଥିତ ଥିଲେ। ୧୨ବ୍ଲକରୁ ୩୭ ଜଣ ଛାତ୍ରୀଛାତ୍ର ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କ ସହ ଜଣେ ଲେଖାଏଁ ଶିକ୍ଷକ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ବିଚାରକ ମଣ୍ଡଳୀ ଭାବେ ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀ ରବିନ୍ଦ୍ର ପାତ୍ର, ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀ ଉମାକାନ୍ତ ମହାପାତ୍ର, ବନବିଭାଗ ଅଧିକାରୀ ପ୍ରଶାନ୍ତ ସାହୁ ଓ ରଶ୍ମିତା ବକ୍ସି ଯୋଗଦେଇ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ୩ ଜଣ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରଦର୍ଶନୀ ପ୍ରତିଯୋଗିତାରେ ଭାଗନେବା ପାଇଁ ଚୟନ ହୋଇଥିଲେ। ଶିକ୍ଷାଧିକାରୀ ପ୍ରମୋଦ ଷଡ଼ଙ୍ଗୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଜୟ ବିଶି ଯୋଗ ଦେଇଥିଲେ।

## ହାବିଲଦାର ଓ ସିପାହୀ ଶାଖା ସଂଘର ବାର୍ଷିକୋତ୍ସବ

ଗଞ୍ଜାମ,୬।୨(ବିଦ୍ୟାଧର ସାହୁ):

ଗଞ୍ଜାମ ବ୍ଲକ ଅଧିନସ୍ତ ଅଗସ୍ତି ନୂଆଗାଁଠାରେ ଥିବା ଓଏସ୍ଏପି ଅଷ୍ଟମ ବାଟାଲିୟନ ହାବିଲଦାର ଓ ସିପାହୀ ଶାଖା ସଂଘର ୧୧ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଯଶୋବନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ପୂର୍ବରୁ ଅଷ୍ଟମ ବାଟାଲିୟନର ଗାରିମା ରହି ଆସିଛି, ପୂର୍ବଭଳି ଶୃଙ୍ଖଳିତ ସୈନିକ ଭାବେ ନିଜ କାର୍ଯ୍ୟଧାରା ଜାରି ରହୁ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପୂର୍ବତନ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ୮ ଅଷ୍ଟମ ବାଟାଲିୟନର ଦୁର୍ଗପତି ଶାରଦା ପ୍ରସାଦ ଦାସ, ରାଜ୍ୟ ହାବିଲଦାର ଓ ସିପାହୀ ସଂଘର ସଭାପତି ଅନିଲ କୁମାର ଷଣ୍ଢ, ସମ୍ପାଦକ କିଶୋର କୁମାର ମହାନ୍ତି, କୋଷାଧ୍ୟକ୍ଷ ଗୌରୀ ମିଶ୍ର ୮ମ ବାଟାଲିୟନ ସଂଘର ସମ୍ପାଦକ ଜଗନ୍ନାଥ ସେଠୀ ଉପସ୍ଥିତ ଥିଲେ।

# ନିୟମ ନ ମାନିଲେ ପସ୍ତେଇବେ ଚାଳକ

## ଦୁର୍ଘଟଣା ରୋକିବାକୁ ପୋଲିସର ବୈଠକ

ବ୍ରହ୍ମପୁର, ୬।୨(ସୁବାସ ଚନ୍ଦ୍ର ପାଢ଼ୀ)



ବୈଠକରେ ଏସପିଙ୍କ ସହ ଅନ୍ୟ ଅଧିକାରୀମାନେ।

ସମ୍ପ୍ରତି ସଡ଼କ ଦୁର୍ଘଟଣା ଏବେ ସାରା ଦେଶରେ ଚିନ୍ତାଜନକ ହୋଇଛି। ଲୋକଙ୍କ ଧନ ଜୀବନ ଯାଉଛି। ରାସ୍ତା ନିୟମ ନ ମାନି ଲୋକେ ଯାନବାହନ ଚଳାଚଳ କରୁଥିବା ଏହାର କାରଣ ହୋଇଛି। ଏହାକୁ ରୋକିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ଚାଳକ ମାନଙ୍କୁ ସଚେତନ କରାଯାଉଥିଲେ ବି ଦୁର୍ଘଟଣାରେ ରୋକ ଲାଗୁନି। ସରକାର ଏଦିଗରେ ଅଧିକ ସଚେତନ ରହିବା ସହ ସଡକ ଦୁର୍ଘଟଣା ରୋକିବା ଦିଗରେ କ'ଣ କ'ଣ ପଦକ୍ଷେପ ନେବାକୁ ଆବଶ୍ୟକତା ରହିଛି ସେ ଦିଗରେ ପୋଲିସକୁ ସଶକ୍ତ କରିବାକୁ ପ୍ରୟାସ କରୁଛନ୍ତି। ଏହିକ୍ରମରେ ବ୍ରହ୍ମପୁର ଏସିପଙ୍କ କାର୍ଯ୍ୟାଳୟରେ କିଛି ବରିଷ୍ଠ ବିଶେଷଜ୍ଞଙ୍କୁ ନେଇ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ଅଧ୍ୟକ୍ଷତା କରିଛନ୍ତି। ଏସପିଙ୍କ ସହ ଆଇଆଇଟି ମାଡ୍ରାସର ଆରବିଜି ମୁଖ୍ୟ ପ୍ରଫେସର ଭେଙ୍କେଟଶ ବାଲଶୁଭ୍ରମଣ୍ୟମ, ରୋଡ଼ ସେଫ୍ଟି ପ୍ରୋଜେକ୍ଟ ଷ୍ଟେଟ୍ ନୋଡ଼ାଲ ଅଫିସର ଗଙ୍ଗାଧର ସାହୁ, ହଳଦିଆପଦର -ପୁଡୁଡିବନ୍ଧ ଛକ ମଧ ଦେଇ ଯାଇଥିବା ଜାତୀୟ ରାଜପଥ, ବ୍ରହ୍ମପୁର ସହରରେ ଚିହ୍ନଟ ହୋଇଥିବା ୭ ବ୍ଲାକ ସ୍ପଟ ବୁଲି ଦେଖିଛନ୍ତି। ଆଗାମୀ ଦିନରେ ଦୁର୍ଘଟଣା ରୋକିବା, ଗାଡି ଚାଳକଙ୍କୁ ଅଧିକ ସଚେତନ କରିବା ଓ ଅନ୍ୟାନ୍ୟ ରଣକୌଶଳ ସମ୍ପର୍କରେ ଆଲୋଚନ ହୋଇଛି। ଏଥିରେ ଉପସ୍ଥିତ ଥିବା ଅଧିକାରୀ ମାନେ ନିଜ ନିଜର ମତ ରଖିଛନ୍ତି। ଯାହାକୁ ଆଧାର କରି ପୋଲିସ ଆଗାମୀ ଦିନରେ ତାହା କାର୍ଯ୍ୟକାରୀ କରିବ ବାଲି ଜଣାପଡିଛି। ସେହିପରି ଯାନବାହନ ଚାଳକମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ଅଧିକ ସଚେତନ କରାଯିବା, ଟ୍ରାଫିକ ନିୟମକୁ କଡ଼ାକଡ଼ି ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ବିଶେଷ କରି ଟ୍ରିପଲ ରାଇଡ଼ିଂ, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର ନ କରିବା, ତିନିଜଣ ବସି ବାଇକ ନ ଚଳାଇବା, ନିଶାପାନ କରି ଗାଡି ନ ଚଳାଇବା, ଟ୍ରାଫିକ ନିୟମ ଉଲ୍ଲଂଘନ ନକରିବା, ରଙ୍ଗ୍ ରୁଟରେ ଗାଡି ନଚଳାଇବା, ନୋ ପାର୍କିଂ ଯୋନରେ ଗାଡି ନରଖିବାକୁ ସଚେତନ କରାଯିବ। ସେହିପରି କାର ଚାଳକମାନେ ସିଟ୍ ବେଲ୍ଟ ପରିଧାନ ବାଧ୍ୟତାମୂଳକ କରିବା ଆଦି ଦିଗରେ ଅଧିକ ସଚେତନ କରିବା ଲାଗି ନିଷ୍ପତ୍ତି ହୋଇଛି। ସେହିଭଳି ରାସ୍ତା ନିୟମ ଉଲ୍ଲଙ୍ଘନ କଲେ ଚାଳକ ପସ୍ତେଇବେ, ଏନେଇ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥିର ହୋଇଥିବା ବୈଠକରୁ ଜଣାପଡିଛି। ରୋଡ଼ ସେଫ୍ଟି ପ୍ଲାନକୁ କାର୍ଯ୍ୟକାରୀ କରିବା ପାଇଁ ଏକ ଟିମ ଗଠନ ସହ ସେମାନେ ଏହାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଛି। ୬ ସପ୍ତାହ ପରେ ପୁଣି ଏହି ଆକ୍ସନ ପ୍ଲାନର ସମୀକ୍ଷା ହେବ।

